

ନାଗରିକଙ୍କୁ ପାତର ଅନ୍ତର କରିବା ଅନୁଚିତ ।

**୧. ହିନ୍ଦୁ ବିବାହ ଆଇନ ୧୯୫୫ :** ଏହି ଆଇନ ଅନୁଯାୟୀ ବିବାହ ପାଇଁ ଝିଅର ବୟସ ୧୮ ବର୍ଷ ଓ ପୁଅର ବୟସ ୨୧ ବର୍ଷ । ଏହି ଆଇନ୍ ଏକପତି ଏବଂ ଏକପତ୍ନୀ ବିବାହକୁ ଆଇନ ସମ୍ମତ କରିଥିଲା ଏବଂ ବିବାହ ବିଚ୍ଛେଦ ପାଇଁ ବ୍ୟବସ୍ଥା ମଧ୍ୟ କରିଥିଲା ।

**୨. ହିନ୍ଦୁ ଉତ୍ତରାଧିକାରୀ ଆଇନ ୧୯୫୬ :** ଏହି ଆଇନ୍ ଅନୁଯାୟୀ ସ୍ତ୍ରୀ ଲୋକମାନେ ବିବାହ ପରେ ମଧ୍ୟ ପୈତୃକ ସମ୍ପତ୍ତିର ଭାଗୀଦାର ହୋଇପାରିବେ । କିନ୍ତୁ ନିଜେ ଅର୍ଜିତ କରିଥିବା ସମ୍ପତ୍ତିରେ ଅଧିକାର ରହିଥାଏ କିନ୍ତୁ ପୈତୃକ ସମ୍ପତ୍ତିରେ ସମାନ ଭାଗ ପାଇବାର ସେମିତି କିଛି ବ୍ୟବସ୍ଥା ନାହିଁ ।

**୩. ଯୌତୁକ ନିବାରଣ ଆଇନ ୧୯୬୧** (Dowry Prohibition Act 1961)

ଏହି ଆଇନ୍ ଯୌତୁକ ଦେବା ଓ ନେବା ଉଭୟ ଉପରେ କଟକଣା ଜାରି କରିଥାଏ । ଏହା ୧୯୮୪ ଓ ୧୯୮୬ ମସିହାରେ ଦୁଇଥର କେତେକାଂଶରେ ପରିବର୍ତ୍ତନ ଆଣିଥିଲା ।

**୪. ମାତୃତ୍ୱ ସୁବିଧା ସୁଯୋଗ ଆଇନ ୧୯୬୧** (Maternity Benefit Act 1961) : ଏହି ଆଇନ୍ ଗର୍ଭାବସ୍ଥାରେ ଜଣେ ସରକାରୀ ମହିଳା କର୍ମଚାରୀଙ୍କୁ ପୁରା ଦରମା ସହିତ ୧୩୫ଦିନ ପର୍ଯ୍ୟନ୍ତ ଛୁଟି ଦେଇଥାଏ । ଯେଉଁ ମହିଳାମାନେ ଏକାସାଙ୍ଗରେ କ୍ରମାଗତ ୮୦ ଦିନ ପର୍ଯ୍ୟନ୍ତ କାମ କରିଥିବେ ସେମାନଙ୍କ ପାଇଁ ପ୍ରଯୁଜ୍ୟ ଅଟେ । କଳକାରଖାନା, ଖଣି, ଦୋକାନ ଓ ବିଭିନ୍ନ ଦପ୍ତରର କାମ କରୁଥିବା ମହିଳାମାନଙ୍କ ପାଇଁ ଏହା ପ୍ରଯୁଜ୍ୟ ହୋଇଥାଏ ।

**୫. ସମାନ ପାରିଶ୍ରମିକ ଆଇନ ୧୯୭୬** (Equal Remuneration Act 1976) : ଏହି ଆଇନ ଅନୁସାରେ ସମାନ କାମ ସମାନ ପାରିଶ୍ରମିକ ବା ବେତନ ଉଭୟ ପୁରୁଷ ଓ ମହିଳାଙ୍କୁ ମିଳିଥାଏ ।

**୬. ମହିଳା ଅଶ୍ଳୀଳ ଚିତ୍ରଣ (ପ୍ରତିରୋଧ) ଆଇନ ୧୯୮୬** (The Indecent Representation of Women prohibition Act 1986) : ଏହି ଆଇନ ଅନୁଯାୟୀ ମହିଳାମାନଙ୍କୁ କୌଣସି ବିଜ୍ଞାପନ ବା ଅନ୍ୟ କୌଣସି ଗଣମାଧ୍ୟମରେ ଅଶ୍ଳୀଳ ଚିତ୍ରଣ କଲେ ଦଣ୍ଡନୀୟ ହେବେ ।

ଉପର ଲିଖିତ ଆଇନଗୁଡିକ ବ୍ୟତୀତ ଆଉ କେତେକ ଆଇନ ଯଥା- ହିନ୍ଦୁ ଆଡପ୍ସନ ଓ ମେଣ୍ଟେନାନ୍ସ ଆଇନ ୧୯୫୬, ଇମୋରାଲ ଟ୍ରାଫିକ ପ୍ରିଭେନ୍ସନ ଆଇନ ୧୯୫୬ ଏବଂ ୧୯୮୬, ଫାମିଲି କୋର୍ଟ ଆଇନ ୧୯୮୪ ଏବଂ ନ୍ୟାସନାଲ କମିଶନ ଫର ୱିମେନ ଆଇନ ୧୯୯୦ ଇତ୍ୟାଦି ମହିଳାମାନଙ୍କ ପାଇଁ ପ୍ରଣୟନ ହୋଇଅଛି । ପ୍ରକୃତରେ ନାରୀ କଲ୍ୟାଣ ପାଇଁ ସମ୍ବିଧାନରେ




ମଧ୍ୟ ଅନେକ ବ୍ୟବସ୍ଥା କରାଯାଇଅଛି । ସ୍ୱାଧୀନତାର ୬୫ ବର୍ଷ ପରେ ମଧ୍ୟ ଯଦିଓ ମହିଳାଙ୍କ ଶିକ୍ଷା, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ କେତେକ ପରିବର୍ତ୍ତନ ଓ ବିକାଶ ଘଟିଅଛି, ତଥାପି ଆଉ କେତେକ କ୍ଷେତ୍ରରେ ସେମାନଙ୍କ ଯୋଗଦାନ ଖୁବ୍ କମ୍ ।

ନିମ୍ନରେ ପ୍ରଦତ୍ତ ଟେବୁଲ ନଂ.୧ ୧୯୦୧ ମସିହା ଜନଗଣନା ଠାରୁ ୨୦୦୧ ଜନଗଣନା ପର୍ଯ୍ୟନ୍ତ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଥିବା ତାରତମ୍ୟକୁ (୧୦୦୦ ପୁରୁଷ କେତେଜଣ ମହିଳା) ସୂଚାଇଥାଏ ।

୧୯୦୧ ମସିହାରେ ୧୦୦୦ ପୁରୁଷରେ ୯୭୨ ଜଣ ମହିଳା ଥିବାସ୍ଥଳେ ୧୯୯୧ ମସିହାର ମହିଳାଙ୍କ ସଂଖ୍ୟା ୧୦୦୦ ପୁରୁଷରେ ୯୨୭କୁ କମି ଆସିଥିଲା । କିନ୍ତୁ ୨୦୦୧ ଜନଗଣନାରେ ଅଳ୍ପ ବୃଦ୍ଧି ହୋଇ ୧୦୦୦ ପୁରୁଷରେ ୯୩୩ ମହିଳା ଥିଲେ । ଅବଶ୍ୟ, ରାଜ୍ୟ ରାଜ୍ୟ ମଧ୍ୟରେ ଏଗୁଡିକରେ ଅନେକ ପାର୍ଥକ୍ୟ ଦେଖାଯାଇଥାଏ । ଯଥା- କେରଳ ହେଉଛି ଏକମାତ୍ର ରାଜ୍ୟ ଯେଉଁଠି ପୁରୁଷଙ୍କ ସଂଖ୍ୟା ଅପେକ୍ଷା ସ୍ତ୍ରୀ ସଂଖ୍ୟା ଅଧିକ । ଭାରତର ପ୍ରତ୍ୟେକ ରାଜ୍ୟରେ ଝିଅପିଲାଙ୍କ ସଂଖ୍ୟା (୦-୧୨ମାସ ମଧ୍ୟରେ) ଏବଂ ୧ ବର୍ଷରୁ ୬ ବର୍ଷ ମଧ୍ୟରେ ଦ୍ରୁତ ଗତିରେ କମିଛି ଯାହାକି ଏକ ଚିନ୍ତାର ବିଷୟ । କିନ୍ତୁ ମହିଳାମାନଙ୍କର ଆୟୁଷ ଏଠାରେ ବଢ଼ିଛି, ଯାହା ୧୯୦୧ ମସିହାରେ ଶତକଡ଼ା ୨୩.୩ ଭାଗ ଥିଲା ତାହା ୧୯୯୭ ମସିହା ବେଳକୁ ୬୧.୮ ବର୍ଷ ବୟସରେ ପହଞ୍ଚିଛି । ଅବଶ୍ୟ, ଏଥିପାଇଁ ଆମର ଉତ୍ତମ ସ୍ୱାସ୍ଥ୍ୟ ସେବା ଦ୍ୱାରା ଏହା ସମ୍ଭବ ହୋଇପାରିଛି । କିନ୍ତୁ ପିଲା ଜନ୍ମ ହେଲାବେଳେ ମା'ର ମୃତ୍ୟୁ ୧୯୯୨ ମସିହାରେ ୧,୦୦,୦୦୦ରେ ୪୨୪ ଥିବାବେଳେ ୧୯୯୮ ମସିହାରେ ଏହା ୫୪୦ ହୋଇଥିଲା । ଗୋଟିଏ ହିସାବରୁ ଜଣାପଡେ ଯେ ପ୍ରତ୍ୟେକ ବର୍ଷ ଭାରତରେ ୮୦,୦୦୦ ମହିଳା ଛୁଆ ଜନ୍ମ ସମୟରେ ମୃତ୍ୟୁବରଣ କରିଥାନ୍ତି । ବର୍ତ୍ତମାନ ମଧ୍ୟ କେବଳ ଶତକଡ଼ା ୩୪ ଭାଗ ମହିଳା ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଚିକିତ୍ସିତ ହୋଇଥାନ୍ତି । ଏହାର ଅନ୍ୟାନ୍ୟ କାରଣଗୁଡିକ ହେଲା- କମ୍ ବୟସରେ ବିବାହ, ଶୀଘ୍ର ପିଲା ଜନ୍ମ କରିବା, ପରିପୃଷ୍ଟ ଖାଦ୍ୟ ପଦାର୍ଥର ଅଭାବ, ଘର କାମର ଜଞ୍ଜାଳ ଇତ୍ୟାଦି ଯୋଗୁଁ ମହିଳାମାନଙ୍କ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇଥାଏ ।

ଟେବୁଲ ନଂ.୧ ଭାରତର ଲିଙ୍ଗ ହାର (India's Sex Ratio)

| ଜନଗଣନା ପର୍ବ | ପୁରୁଷ | ମହିଳା |
|---|---|---|
| ୧୯୦୧ | ୧୦୦୦ | ୯୭୨ |
| ୧୯୧୧ | ୧୦୦୦ | ୯୬୪ |
| ୧୯୨୧ | ୧୦୦୦ | ୯୫୫ |
| ୧୯୩୧ | ୧୦୦୦ | ୯୫୦ |



| | | |
|---|---|---|
| ୧୯୪୧ | ୧୦୦୦ | ୯୪୫ |
| ୧୯୫୧ | ୧୦୦୦ | ୯୪୬ |
| ୧୯୬୧ | ୧୦୦୦ | ୯୪୧ |
| ୧୯୭୧ | ୧୦୦୦ | ୯୩୦ |
| ୧୯୮୧ | ୧୦୦୦ | ୯୩୪ |
| ୧୯୯୧ | ୧୦୦୦ | ୯୨୭ |
| ୨୦୦୧ | ୧୦୦୦ | ୯୩୩ |

(Source - Census of India)

ମହିଳା ସାକ୍ଷରତା ୧୯୯୧ ମସିହାରେ ୩୯.୪୦ ଭାଗ ଥିବାବେଳେ ଏହା ୨୦୦୧ ମସିହାରେ ୧୫ ଭାଗ ବୃଦ୍ଧି ପାଇ ୫୪.୧୬ ଭାଗ ହୋଇଥିଲା । ଏଣୁ ୧୯୫୧ ମସିହାରୁ ୨୦୦୧ ପର୍ଯ୍ୟନ୍ତ ୫୦ ବର୍ଷ ମଧ୍ୟରେ କେବଳ ୧୯୯୧ରୁ ୨୦୦୧ ମସିହା ୧୦ ବର୍ଷ ମଧ୍ୟରେ ମହିଳା ନିରକ୍ଷରତା ହାର ୫୪.୧୬ ଭାଗ ହୋଇଥିଲା ।

ଟେବୁଲ ନଂ.୨ ଭାରତର ସାକ୍ଷରତା ହାର (Literacy Rates in India)

| ଜନଗଣନା ବର୍ଷ | ଲୋକ | ପୁରୁଷ | ମହିଳା |
|---|---|---|---|
| ୧୯୫୧ | ୧୮.୩୩ | ୨୭.୧୬ | ୮.୮୬ |
| ୧୯୬୧ | ୨୮.୩୧ | ୪୦.୪୦ | ୧୫.୩୪ |
| ୧୯୭୧ | ୩୪.୪୫ | ୪୫.୯୫ | ୨୧.୯୭ |
| ୧୯୮୧ | ୪୩.୫୬ (୪୧.୪୨) | ୫୬.୩୭ (୫୩.୪୫) | ୨୯.୭୫ (୨୮.୪୬) |
| ୧୯୯୧ | ୫୨.୧୧ | ୬୩.୮୬ | ୩୯.୪୨ |
| ୨୦୦୧ | ୬୫.୩୮ | ୭୫.୮୫ | ୫୪.୧୬ |

Sources : NIPCED Statistics on children in India-1992)

ବି.ଦ୍ର : ୧୯୫୧, ୧୯୬୧, ୧୯୭୧ ମସିହା ଜନଗଣନାଗୁଡ଼ିକରେ ପାଞ୍ଚବର୍ଷ କିମ୍ବା ତାଠାରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କୁ ଗଣନା କରାଯାଉଥିଲା । କିନ୍ତୁ ୧୯୯୧ ମସିହାରେ ୭ ବର୍ଷ

କିମ୍ବା ତାଠାରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କୁ ଗଣନା କରାଯାଇଥିଲା ଏବଂ ପରେ ବନ୍ଧନୀରେ ଥିବା ସଂଖ୍ୟାଗୁଡିକ ପାଞ୍ଚବର୍ଷ ବୟସର ଓ ଊର୍ଦ୍ଧ୍ୱର ଲୋକଙ୍କୁ ନିଆଯାଇଥିଲା ।

ଏଗୁଡିକ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ୨୦୦୧-୨୦୦୨ ବାର୍ଷିକ ରିପୋର୍ଟରେ ଲେଖାଯାଇଅଛି ।

ଶିକ୍ଷାର ବିକାଶ ହେତୁ ବହୁତ ମହିଳା ଅନେକଗୁଡିଏ ସମସ୍ୟାର ସମାଧାନ କରିପାରୁଛନ୍ତି । ବର୍ତ୍ତମାନ ଅନେକ ମହିଳା ସେମାନେ ଯେ କେବଳ ଦକ୍ଷତା ଦେଖେଇନାହାନ୍ତି ବରଂ ରୋଜଗାର କରିବାର ପନ୍ଥା ନିଜେ ବାହାର କରିଛନ୍ତି । ଯଦିଓ ସାକ୍ଷରତା ହାର ବଢ଼ିବାରେ ଲାଗିଛି ତଥାପି ଶିକ୍ଷାର ପ୍ରସାର ପାଇଁ ଅନେକ ରାଜ୍ୟ ତତ୍ପରତା ଦେଖେଇ ନାହାନ୍ତି । କେରଳ, ମହାରାଷ୍ଟ୍ର, ଗୋଆ, ମିଜୋରାମ, ତାମିଲନାଡୁ ଏବଂ ଅନେକ ପୂର୍ବାଞ୍ଚଳ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କରେ ସାକ୍ଷରତା ହାର ସନ୍ତୋଷଜନକ ଥିବା ବେଳେ ରାଜସ୍ଥାନ ଓ ଝାଡ଼ଖଣ୍ଡରେ ଏହାର ହାର ନିରାଶଜନକ । ଏହା ସତ୍ୟ ଯେ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟମାନଙ୍କରେ, ବିଦ୍ୟାଳୟ ଛାଡିବା (Scool Drop out) ସଂଖ୍ୟା ଖୁବ୍ ଅଧିକ । ଏହାର କାରଣ ହେଲା- ଝିଅ ପିଲାମାନଙ୍କୁ ପରିବାରର ଦାୟିତ୍ୱ ନେବାପାଇଁ ବିଶେଷ ଧ୍ୟାନ ଦିଆଯାଇଥାଏ । ମାଗଣା ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ ସ୍ୱାଧୀନତାର ୬୫ ବର୍ଷ ପରେ ମଧ୍ୟ ଝିଅମାନେ ପାରିବାରିକ ବୋଝ ଓ ଅର୍ଥନୈତିକ କାରଣ ହେତୁ ଏହି ବ୍ୟବସ୍ଥାର ଫାଇଦା ଉଠାଇ ପାରିନାହାନ୍ତି । ଏବେ ମଧ୍ୟ ମହିଳାମାନଙ୍କର ବିଭିନ୍ନ କାର୍ଯ୍ୟରେ ଯୋଗଦାନର ହାର ଅତି ନ୍ୟୁନ । ଏହା ମହିଳାଙ୍କ କ୍ଷେତ୍ରରେ ୨୩.୩ ଭାଗ ହୋଇଥିବା ବେଳେ ପୁରୁଷଙ୍କ ହାର ୫୭.୬ ଭାଗ ଏବଂ ଏମାନଙ୍କ ମଧ୍ୟରୁ କେବଳ ୧୭ ଭାଗ ମହିଳା ସଙ୍ଗଠିତ କ୍ଷେତ୍ରରେ (Origniised Sector) କାମ କରିଥାନ୍ତି ।

ଯଦିଓ ଅନେକଗୁଡିଏ ଆଇନ୍, ମହିଳାମାନଙ୍କୁ ବିଭିନ୍ନ ହିଂସାରୁ ବଞ୍ଚାଇବା ପାଇଁ ଅଛି ତଥାପି ହିଂସାର ହାର ବଢ଼ି ବଢ଼ି ଚାଲିଛି କିନ୍ତୁ ଏହାକୁ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ । କିନ୍ତୁ ବିଭିନ୍ନ ମହିଳା ସଂଗଠନଗୁଡିକର ଆନ୍ଦୋଳନ ହେତୁ ଓ ସେମାନଙ୍କ ଅଧିକାର ପ୍ରତି ସଚେତନତା ବୃଦ୍ଧି ହେତୁ କେତେକ କ୍ଷେତ୍ରରେ ପୁରୁଷ ଓ ମହିଳା ମଧ୍ୟରେ ଥିବା ଅସମାନତା ଦୂରୀଭୂତ ହୋଇଛି । ତଥାପି ମହିଳାମାନଙ୍କ ସ୍ୱାଧୀନତା ପାଇଁ ଆହୁରି ଅନେକ କିଛି କରିବା ଉଚିତ ଯାହାଦ୍ୱାରା ସେମାନଙ୍କ ପ୍ରସ୍ଥିତିରେ ଉନ୍ନତି ଘଟିବ ।

## ପାଠଗତ ପ୍ରଶ୍ନ ୩୨.୪

ଠିକ୍ ଉତ୍ତର ବାଛି ଲେଖ ।

୧. ହିନ୍ଦୁ ବିବାହ ଆଇନ ................ ବିଚ୍ଛେଦ ପାଇଁ ଏକ ବ୍ୟବସ୍ଥା ସୃଷ୍ଟି କରିଥିଲା ।

(କ) ୧୯୫୬ (ଖ) ୧୯୫୫ (ଗ) ୧୯୭୬ (ଘ)୧୯୬୧



୨. ୨୦୦୧ ଜନଗଣନା ଅନୁଯାୟୀ ପୁରୁଷ-ସ୍ତ୍ରୀର ହାର କେତେ ?

(କ) ୯୨୭ (ଖ)୯୩୩ (ଗ) ୯୬୦ (ଘ)୯୨୯

୩. ୨୦୦୧ ଜନଗଣନା ଅନୁଯାୟୀ ମହିଳା ସାକ୍ଷରତା ହାର ଶତକଡ଼ା ................ ଭାଗ ।

(କ) ୫୪.୧୬ (ଖ) ୫୬.୩୭ (ଗ) ୫୩.୪୫ (ଘ) ୫୨.୧୧

୪. ଭାରତର ଏକମାତ୍ର ରାଜ୍ୟ ................. ଯେଉଁଠି ପୁରୁଷଙ୍କ ଠାରୁ ମହିଳା ସଂଖ୍ୟା ବେଶୀ ।

(କ) ଗୋଆ (ଖ) କେରଳ (ଗ) ସିକିମ୍ (ଘ) ତାମିଲନାଡୁ

## ତୁମେ କ'ଣ ଶିକ୍ଷା କଲ (What you have learnt)

ଭାରତରେ ମହିଳାମାନଙ୍କ ପ୍ରସ୍ଥିତି ତିନୋଟି ବିଭିନ୍ନ ସମୟ ଦେଇ ଗତି କରିଅଛି । ସେଗୁଡ଼ିକ ହେଲା- ପ୍ରାଚୀନଯୁଗ, ମଧ୍ୟଯୁଗ ଓ ଆଧୁନିକ ଯୁଗ ।

### ପ୍ରାଚୀନ ଯୁଗ (Ancient period)

- ବୈଦିକ ଯୁଗ ଠିକ୍ ପୂର୍ବରୁ ମହିଳାମାନଙ୍କ ସ୍ଥାନ ଉଚ୍ଚରେ ଥିଲା । ସେମାନେ ଶିକ୍ଷା ହାସଲ କରିବା ସଂଗେ ସଂଗେ ନିଜ ଜୀବନ ସାଥୀ ମଧ୍ୟ ବାଛି ପାରୁଥିଲେ । ସତୀପ୍ରଥା ବାଲ୍ୟ ବିବାହ ଓ ବିଧବା ବିବାହର କଟକଣା ଇତ୍ୟାଦି ନଥିଲା ।

- ରାମାୟଣ ଓ ମହାଭାରତ, ଭାରତୀୟ ସମାଜ ଉପରେ ଗଭୀର ଭାବେ ପ୍ରଭାବ ପକାଇଥାଏ । ବର୍ତ୍ତମାନ ମଧ୍ୟ ଝିଅମାନେ ରାମଙ୍କ ସହଧର୍ମିଣୀ ସୀତାଙ୍କୁ ଆଦର୍ଶ ରୂପେ ଗ୍ରହଣ କରିଥାନ୍ତି । କାରଣ ସେ ତାଙ୍କର ସମସ୍ତ ବ୍ୟକ୍ତିଗତ ଇଚ୍ଛାକୁ ପରିତ୍ୟାଗ କରି ସ୍ୱାମୀଙ୍କ ସଂଗେ ବଣକୁ ଯାଇଥିଲେ । ଅନ୍ୟପକ୍ଷରେ ମହାଭାରତର ମୁଖ୍ୟ ନାରୀ ଚରିତ୍ର ଦ୍ରୌପଦୀ ସାହସ ଓ ସ୍ୱାଧୀନତାର ପରିଚୟ ଦେଇପାରିଥିଲେ ।

- ଏହି ସମୟରେ ଜୈନ ଧର୍ମ ଓ ବୌଦ୍ଧଧର୍ମ ମହିଳାମାନଙ୍କୁ ସମ୍ମାନର ସହ ଗ୍ରହଣ କରି ଉଚ୍ଚ ସ୍ଥାନ ଦେଇଥିଲା । ଉଭୟ ଧର୍ମ ମହିଳାମାନଙ୍କୁ ଧାର୍ମିକ କାର୍ଯ୍ୟରେ ଯୋଗଦାନ ପାଇଁ ଉତ୍ସାହିତ କରିଥିଲା । ମହିଳାମାନେ ଧର୍ମସମ୍ବନ୍ଧୀୟ ଜ୍ଞାନ ଆହରଣ ପାଇଁ ଘର ବାହାରକୁ ଆସି ପାରୁଥିଲେ ।

- କିନ୍ତୁ ବୈଦିକ ଯୁଗର ଶେଷ ଭାଗରେ ମହିଳାମାନଙ୍କ ପ୍ରସ୍ଥିତିରେ ସାମାନ୍ୟ ପରିବର୍ତ୍ତନ ଦେଖାଦେଲା । ଏହାର କାରଣ ବଂଶରକ୍ଷା ପାଇଁ ପୁଅମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଗଲା ଓ



ପୈତୃକ ସମ୍ପତ୍ତିର ଅଧିକାରୀ କରାଗଲା । ଏଣୁ ମହିଳାମାନଙ୍କୁ ପାରିବାରିକ କ୍ଷେତ୍ରରେ ଆବଦ୍ଧ ହେବାକୁ ପଡିଲା ।

- ଧର୍ମଶାସ୍ତ୍ରର ଦୁଇଟି ପରିଚିତ ବା ପ୍ରସିଦ୍ଧ ଆଚରଣ ସଂହିତା ମନୁସ୍ମୃତି ଓ ଯାଜ୍ଞବଳ୍କ ସ୍ମୃତି ମହିଳାମାନଙ୍କ ସ୍ୱାଧୀନତା ଓ ଚଳପ୍ରଚଳନରେ କଟକଣା ଜାରି କଲା । ସାମାଜିକ କଳଙ୍କ ଯଥା- ବାଲ୍ୟ ବିବାହ, ଶିକ୍ଷାକୁ ଅମାନ୍ୟ, ବିଧବା ବିବାହରେ କଟକଣା, ସତୀପ୍ରଥା ପ୍ରଚଳନ ଇତ୍ୟାଦି ନାରୀର ସ୍ଥିତିକୁ ନିମ୍ନଗାମୀ କଲା ।

**ମଧ୍ୟଯୁଗ** (Medieval Period)

ମଧ୍ୟଯୁଗ ଭାରତରେ ଇସଲାମ ଧର୍ମର ପ୍ରବେଶ କରିଥିଲା । ପରଦା ବ୍ୟବସ୍ଥା ହେତୁ ମହିଳାମାନଙ୍କ ମଧ୍ୟରେ ସାମାଜିକ ମିଳାମିଶାରେ କଟକଣା ଥିଲା । ଯେହେତୁ ମୁସଲମାନ ପରସ୍ନାଲ ଆଇନ, ବିବାହ ବିଚ୍ଛେଦ, ରକ୍ଷଣାବେକ୍ଷଣ, ଉତ୍ତରାଧିକାରୀ ଚୟନକୁ ନିୟନ୍ତ୍ରିତ କରୁଥିଲା । ମୁସଲ୍‌ମାନ ମହିଳାମାନେ ଅତି ଶୋଚନୀୟ ଅବସ୍ଥାରେ ଥିଲେ । ଅନେକ ହିନ୍ଦୁ ମହିଳା ମଧ୍ୟ ପରଦା ବ୍ୟବସ୍ଥାକୁ ଗ୍ରହଣ କରିଥିଲେ । ରାଜପୁତ୍ ମହିଳାମାନଙ୍କ କ୍ଷେତ୍ରରେ ସତୀ ବା ଜଉହର୍ (Jauhar) ବେଶ ପ୍ରଚଳିତ ଥିଲା ।

**ଆଧୁନିକ ଯୁଗ** (Modern Period)

- ଯଦିଓ ଇଂରେଜମାନେ ଭାରତକୁ ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ଆସିଥିଲେ, ସାମାଜିକ ସଂସ୍କାର କାର୍ଯ୍ୟ ଊନବିଂଶ ଶତାବ୍ଦୀରେ ଆରମ୍ଭ କରିଥିଲେ ।
- ଭାରତୀୟ ସମାଜ ସଂସ୍କାରକ ରାଜା ରାମମୋହନ ରାୟ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ହରବିଲ୍ ଦାସ ସାରଦା ଇତ୍ୟାଦିଙ୍କ ପ୍ରଚେଷ୍ଟା ଫଳରେ ଇଂରେଜ ସରକାର ବିଧବା ପୁନର୍ବିବାହ ଆଇନ, ସତୀପ୍ରଥା ପ୍ରତିରୋଧ ଆଇନ, ବାଲ୍ୟ ବିବାହ ନିରୋଧ ଆଇନ ଇତ୍ୟାଦି ପ୍ରଣୟନ କରିଥିଲେ । ଊନବିଂଶ ଶତାବ୍ଦୀରେ ଭାରତୀୟ ସଂସ୍କାରକମାନେ ନାରୀ ଶିକ୍ଷାକୁ ମଧ୍ୟ ସମର୍ଥନ ଜଣାଇଥିଲେ ।
- ଭାରତ ସ୍ୱାଧୀନତା ହାସଲ ପରେ ଭାରତର ସମ୍ବିଧାନ, ପୁରୁଷ ଓ ସ୍ତ୍ରୀର ପ୍ରଭେଦକୁ ଦୂର କରିବା ପାଇଁ ଉଭୟଙ୍କୁ ସମାନ ଅଧିକାର ଦେଇଛି ।
- ବିଭିନ୍ନ ସାମାଜିକ ପ୍ରଥା ଓ କଟକଣାରୁ ମହିଳାମାନଙ୍କୁ ମୁକ୍ତି ଦେବା ପାଇଁ ଭାରତ ସରକାର ଅନେକ ଗୁଡିଏ ଆଇନ ମଧ୍ୟ ପ୍ରଣୟନ କରିଛନ୍ତି । ଯଥା- ବିବାହ-ବିଚ୍ଛେଦ ଆଇନ, ଉତ୍ତରାଧିକାରୀ ଆଇନ, ସମାନ ବେତନ ଓ ମାତୃତ୍ୱ ସୁବିଧା ସୁଯୋଗ ଆଇନ୍ ।
- ଭାରତ ସ୍ୱାଧୀନତା ହାସଲ କରିବାର ଅନେକ ବର୍ଷ ପରେ ଯଦିଓ ମହିଳାଙ୍କ ପ୍ରସ୍ଥିତି କ୍ଷେତ୍ରରେ ବିକାଶ ଘଟିଛି ତଥାପି ନିରକ୍ଷରତା, ହିଂସା, ରଗ୍‌ଣ ସ୍ୱାସ୍ଥ୍ୟ ଭଳି କେତେକ ଅବସ୍ଥା ସେମାନଙ୍କଠାରେ ଦେଖାଯାଏ ।

- ଏହା ସତ ଯେ ମହିଳାମାନଙ୍କ ଉନ୍ନତି ନିମନ୍ତେ ଅନେକ ଆଇନ ପ୍ରଣୟନ ହୋଇଅଛି, କିନ୍ତୁ ଏ ପର୍ଯ୍ୟନ୍ତ ଆମ ସମାଜ ଏମାନଙ୍କୁ ଦୁର୍ବଳ ବୋଲି ଭାବି ପୁରୁଷ ସହିତ ସମାନ କରିପାରେ ନାହିଁ । ଏଣୁ ସେମାନଙ୍କର ପ୍ରସ୍ଥିତିରେ ସୁଧାର ଆଣିବାକୁ ହେଲେ ଆମର ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ପଡିବ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ (Terminal Question)

ନିମ୍ନରେ ଥିବା ପ୍ରଶ୍ନଗୁଡିକର ଉତ୍ତର ୨୦୦-୩୦୦ ଶବ୍ଦ ମଧ୍ୟରେ ଲେଖ

୧. ପ୍ରାକ୍ ବୈଦିକ ଯୁଗରେ ମହିଳାଙ୍କ ପ୍ରସ୍ଥିତି ସମ୍ବନ୍ଧରେ ଲେଖ ।

୨. ଧର୍ମଶାସ୍ତ୍ର କାଳରେ କେଉଁ କେଉଁ କାରଣ ଯୋଗୁଁ ମହିଳାମାନଙ୍କର ପ୍ରସ୍ଥିତିରେ ଅଧଃପତନ ହୋଇଥିଲା ?

୩. ଇଂରେଜ ସରକାରଙ୍କ ସମୟରେ ସାମାଜିକ ସଂସ୍କାର ଆନ୍ଦୋଳନର ମୁଖ୍ୟ ବୈଶିଷ୍ଟଗୁଡିକ ଲେଖ ।

୪. ମହିଳାମାନଙ୍କ ପ୍ରସ୍ଥିତିରେ ଉନ୍ନତି ପାଇଁ ପ୍ରଣୟିତ ହୋଇଥିବା ବିଭିନ୍ନ ଆଇନଗୁଡିକର ପ୍ରଭାବ ସ୍ୱାଧୀନ ଭାରତରେ କେଉଁଭଳି ଭାବେ ରହିଅଛି ?

### ପରିଭାଷା (Glossary)

**୧. ବାଲ୍ୟ ବିବାହ ବାରଣ ଆଇନ :** ଏହି ଆଇନ ଅନୁସାରେ ବିବାହ ପାଇଁ ଝିଅର ବୟସ ୧୪ ବର୍ଷ ଓ ପୁଅର ବୟସ ୧୮ ହୋଇଥିଲା । କିନ୍ତୁ ହିନ୍ଦୁ ବିବାହ ଆଇନ ୧୯୫୫ ଅନୁଯାୟୀ ଝିଅର ସର୍ବନିମ୍ନ ବୟସ ୧୫ ବର୍ଷ । ୧୯୭୬ ମସିହାରେ ବାଲ୍ୟ ବିବାହ ବାରଣ ଆଇନର କେତେକ ପରିବର୍ତ୍ତନ କରାଯାଇ ଯଥାକ୍ରମେ ଝିଅ ଓ ପୁଅର ବୟସ ୧୮ ଓ ୨୧ ବର୍ଷ ରଖାଗଲା ।

**୨. ଧର୍ମଶାସ୍ତ୍ର :** ଧାର୍ମିକ ଗ୍ରନ୍ଥ ଯେଉଁଥିରେ ଆଚରଣ ସଂହିତା ଲିପିବଦ୍ଧ ହୋଇଥାଏ ।

**୩. ମହାକାବ୍ୟ :** ରାମାୟଣ ଓ ମହାଭାରତ ହେଉଛି ଦୁଇଟି ମହାକାବ୍ୟ ।

**୪. ମଧ୍ୟଯୁଗ :** ଖ୍ରୀଷ୍ଟାବ୍ଦ ୧୧୦୦ ମସିହାରୁ ୧୭୦୦ ମସିହାକୁ ମଧ୍ୟଯୁଗ କୁହାଯାଏ, ଯେଉଁ ସମୟରେ ଇସଲାମ୍ ଧର୍ମର ଆବିର୍ଭାବ ହୋଇଥିଲା ।

**୫. ପିତୃପ୍ରଧାନ :** ଏହି ବ୍ୟବସ୍ଥାରେ ପୁରୁଷର ପ୍ରାଧାନ୍ୟତା ଥାଏ । ପୁରୁଷ ପ୍ରଧାନ ବା ମୁଖ୍ୟ ସମାଜରେ ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତି କର୍ତ୍ତା ହୋଇଥାନ୍ତି । ପରିବାରଟି ପୁରୁଷ ଭିତ୍ତିକ



ହୋଇଥାଏ ଓ ସମ୍ପତ୍ତିର ଅଧିକାରୀ ସେହିମାନେ ହୋଇଥାନ୍ତି । ପିତୃକୈନ୍ଦ୍ରିକ ବ୍ୟବସ୍ଥାରେ ମହିଳାମାନଙ୍କ ପରିଚୟ ପୁରୁଷ ଭିତ୍ତିରେ ଜଣାଯାଇଥାଏ ।

୬. **ରକ୍‌ବୈଦିକ ଯୁଗ :** ରକ୍‌ବେଦର ସମୟକୁ ମଧ୍ୟ ପ୍ରାକ୍‌ବୈଦିକ ଯୁଗ କୁହାଯାଏ ।

୭. **ସତୀ :** ସ୍ୱାମୀର ମୃତ୍ୟୁ ପରେ ଜଣେ ବିଧବା ତା'ର ସ୍ୱାମୀର ଜଳୁଥିବା ଚିତାରେ ଝାସ ଦେଇ ଆତ୍ମହତ୍ୟା କରିଥାଏ । ଏହି ନିଷ୍ପତ୍ତି ଇଚ୍ଛାଧୀନ ବା ବାଧ୍ୟତାମୂଳକ ହୋଇଥାଏ ।

## ପାଠଗତ ପ୍ରଶ୍ନଗୁଡିକର ଉତ୍ତର

**୩୨.୧** (୧) ରକ୍‌ବୈଦିକ ଯୁଗ (୨) ରାମାୟଣ ଓ ମହାଭାରତ
(୩) ଧୃତରାଷ୍ଟ୍ରଙ୍କ ପ୍ରତି ତାଙ୍କର ମହାନତା

**୩୨.୨** (୧) ଠିକ୍ (୨) ଭୁଲ
(୩) ଭୁଲ (୪) ଠିକ୍

**୩୨.୩** (୧) ୧୮୨୯ (୨) ହରବିଲ୍ ଦାସ ସାରଦା
(୩) ଗାନ୍ଧିଜୀ (୪) ଜ୍ୟୋତି ବା ଫୁଲେ

**୩୨.୪** (୧) ୧୯୫୫ (୨) ୯୩୩
(୩) ୫୪.୧୬ (୪) କେରଳ